Chapter- 16

# ନ୍ୟାୟ ବିଚାର

**STUDY NOTES**

## MIND MAP



ସୁଲତାନୀ ଶାସକ ଗିଆସୁଦ୍ଦିନ୍ ବଲବନଙ୍କ ଶାସନ କାଳରେ କିପରି ଉଚିତ ନ୍ୟାୟ ବିଚାର ମିଳୁଥିଲା ତାର ଚିତ୍ର ଏଥିରେ ବର୍ଣ୍ଣିତ ହୋଇଛି । ନ୍ୟାୟ ଆଗରେ ରାଜା ହେଲେ ବି ଦଣ୍ଡ ପାଇବାକୁ ହକଦାର ,ଏହା ଏ ଗଳ୍ପରେ ଦେଖାଇ ଦିଆଯାଇଛି । ବିଚାରକ ଭାବେ କାଜିଙ୍କର ନିରପେକ୍ଷତା ଓ ଶାସକ ଭାବେ ଗିଆସୁଦ୍ଦିନ୍ ଙ୍କ ମହନୀୟତା ଉକ୍ତ ଗଳ୍ପରେ ପ୍ରଦଶତ ହୋଇଛି ।

ପାଞ୍ଚଶହ ବଷ ପୂବେ ଦିଲ୍ଲୀରେ ଗିଆସୁଦ୍ଦିନ ବଲବନ୍ ଶାସନ କରୁଥିଲେ । ସେ ଶାସନ କାଯ୍ୟ ପାଇଁ ଦକ୍ଷ ସୁବେଦାର ଓ ନ୍ୟାୟ ବିଚାର ପାଇଁ କାଜି ମାନଙ୍କୁ ନିଯୁକ୍ତି ଦେଇଥିଲେ । ଲାଖ ବିନ୍ଧିବା ଥିଲା ଗିଆସୁଦ୍ଦିନଙ୍କର ପ୍ରବଳ ସଉକ।ଦିନେ ଭିକାରୁଣୀ ଜାନକୀ ବାଈ ନିଜ ପୁଅକୁ ଧରି ସୁଲତାନଙ୍କର ପ୍ରାସାଦ ପଛପଟେ ଏକ ସଂକୀର୍ଣ୍ଣ ରାସ୍ତାରେ ଭିକ ମାଗିବାକୁ ଯାଉଥିବାବେଳେ ଗୋଟିଏ ତୀର ଉଲକା ବେଗରେ ଆସି ତା'ପୁଅର ତଣ୍ଟିରେ ଫୁଟିଗଲା ଓ ସେ ସେଇଠାରେ ପ୍ରାଣ ହରାଇଥିଲା । ଜାନକୀ ବାଈ ଉଚ୍ଚ ସର ରେ କାନ୍ଦିଲା । ଏହା ସୁଲତାନଙ୍କ କାଯ୍ୟ ବୋଲି ସେ ଜାଣିପାରିଲା । ଜାନକୀ ବାଈ ନିଜର ମଲାପୁଅକୁ ଧରି କାଜିଙ୍କ ଦରବାର ରେ ଯାଇ ପହଞ୍ଚିଲା । କାଜି ତା ' ପୁଅର ହତ୍ୟାକାରୀ କିଏ ଜାଣିବାକୁ ଚାହଲେ ।କାଜିଙ୍କ ଠାରୁ ଦୋଷୀକୁ ଦଣ୍ଡ ଦେବାର ନିଶ୍ଚିତତା ଜାଣି ଜାନକୀ କହିଲା 'ସେ ହେଉଛନ୍ତି ସୁଲତାନ ଗିଆସୁଦ୍ଦିନ ନିଜେ ' ।

ଦରବାରରେ ଭରି ରହିଥିବା ଲୋକେ ଏ କଥା ଶୁଣି ଖୁବ ଆଶ୍ଚଯ୍ୟ ହେଲେ । କାଜି କିଛି ସମୟ ନୀରବ ରହି ନିଜ ଦସ୍ତଖତରେ ଗୋଟିଏ ପରଓାନା ପିଆଦା ହାତରେ ସୁଲତାନଙ୍କ ନିକଟକୁ ପଠାଇଦେଲେ ।ସେଥିରେ ସେ ବିଚାର ନିମିତ୍ତ ଶୀଘ୍ର ହାଜର ହେବାକୁ ନିଦ୍ଦେଶ ମଧ୍ୟ ଦେଇଥିଲେ ।ଲୋକେ ଭାବିଲେ କାଜିଙ୍କର ଆଜି ଚାକିରି ଚାଲିଯିବ ।କିଛି ସମୟପରେ ପିଆଦା ସହ ସୁଲତାନ ଅଦାଲତକୁ ଆସିଲେ । ସେଠାରେ ଉପସ୍ଥିତ ଥିବା ଲୋକେ ଭାବିଲେ ନିଶ୍ଚୟ କିଛି ଅଘଟଣ ଘଟିବ । ହେଲେ ଗିଆସୁଦ୍ଦିନ ସିଧା କାଜିଙ୍କ ନିକଟକୁ ଯାଇ ତାଙ୍କୁ ସଲାମ ଜଣାଇଲେ । କାଜି ଜାନକୀ ବାଈର ପୁତ୍ରହତ୍ୟାକାରୀ ସୁଲତାନ୍ କି ନୁହେଁ ତାହା ଜାଣିବାକୁ ଚାହଲେ । ସୁଲତାନ କହିଲେ ଏହା ସତ୍ୟ । ଲାଖବିନ୍ଧା ଅଭ୍ୟାସ କଲାବେଳେ ଅସାବଧାନତା ହେତୁ ଏଭଳି ଦୁଘଟଣା । ଏଥିପାଇଁ ଯେଉଁ ଦଣ୍ଡାଦେଶ ମିଳିବ ସେ ଗ୍ରହଣ କରିବାକୁ ପ୍ରସ୍ତୁତ ।କାଜି କହିଲେ ସୁଲତାନ ଏଇ ନିରାଶ୍ରୟ ସ୍ତ୍ରୀ ଲୋକଟିର ସାରା ଜୀବନ ପାଇଁ ଭରଣପୋଷଣ ଦାୟିତ ଗ୍ରହଣ କରନ୍ତୁ । ଗିଆସୁଦ୍ଦିନ ସେ ଆଦେଶକୁ ମୁଣ୍ଡପାତି ମାନିନେଲେ ।ଜାନକୀ ବାଈର ପୁଅ ହୋଇ ନିଜେ ବଞ୍ଚିଥିବା ଯାଏ ତାର ଭରଣପୋଷଣ ଦାୟିତ ଗ୍ରହଣ କରିବେ ବୋଲି କହିଲେ । ଅଦାଲତରେ ଥିବା ଲୋକମାନେ ଚୁପଚାପ ନୀରବରେ ଠିଆ ହୋଇ ରାୟ ଘୋଷଣା ଶୁଣୁଥିଲେ ।ରାୟ ଘୋଷଣା ପରେ କାଜି ନିଜ ଆସନରୁ ଓହ୍ଲାଇ ଆସି ସୁଲତାନଙ୍କୁ ସଲାମ କଲେ ଓ କହିଲେ ଜାହାଁପନା ଆପଣ ମୋତେ କ୍ଷମା କରିବେ । ମୁଁ କେବଳ" ମୋର କତ୍ତବ୍ୟ କରିଛି । ଆପଣ ମୋ ଉପରେ ରାଗ କରିନାହାଁନ୍ତି ? "ସୁଲତାନ୍ କାଜିଙ୍କୁ କୁଣ୍ଢାଇ ପକାଇ କହିଲେ ଆପଣ ମୋ ରାଜ୍ୟର ଗୌରବ ନ୍ୟାୟ ବିଚାର " ହେଉଛି ଆପଣଙ୍କର କତ୍ତବ୍ୟ। ଆପଣ ଯେ ନିଭୀକ ଓ ନିରପେକ୍ଷ ଭାବରେ କରୁଛନ୍ତି ସେଥିପାଇଁ ଆପଣଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।"